## ମା' ତାରିଣୀଙ୍କ ବିପଦ ତାରେଣୀ ବ୍ରତ

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ସହର ଗାନ୍ଧୀ ମନ୍ଦିରସ୍ଥିତ ମା' ତାରିଣୀଙ୍କ ପୀଠରେ ମଙ୍ଗଳବାର ବିପଦ ତାରେଣୀ ବ୍ରତ ଉପଲକ୍ଷେ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ପ୍ରାତଃ କାଳରୁ ମଙ୍ଗଳ ଆଳତୀ, ମହାସ୍ନାନ ପରେ ନୂତନ ବସ୍ତ୍ର, ବିଭିନ୍ନ ଫୁଲ ହାରରେ ମା'ଙ୍କୁ ସଜ୍ଜିତ କରାଯାଇଥିଲା। ମା'ଙ୍କ ଠାରେ ବିଭିନ୍ନ ଭୋଗ ଲାଗି ହୋଇଥିଲା। ମଧ୍ୟାହ୍ନରେ ପଣା ଲାଗି ଓ ସନ୍ଧ୍ୟାରେ ସାନ୍ଧ୍ୟ ଆଳତି ହୋଇଥିଲା।

# ତୁରନ୍ତ ସହାୟତା, ନିଯୁକ୍ତି ଦେବାକୁ ଆଲୋଚନା



ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ଶାନ୍ତ୍ୱନା ଦେଉଛନ୍ତି ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି।

## ମୃତକଙ୍କ ପରିବାରବର୍ଗଙ୍କୁ ଭେଟିଲେ ଏମ୍‌ପି

ରାସୋଳ, ୯।୭ (ସରୋଜ ମିଶ୍ର)

ହାତୀ ଆକ୍ରମଣରେ ଗତ ୭ ତାରିଖରେ ପ୍ରାଣ ହରାଇଥିବା ହିନ୍ଦୋଳ ବ୍ଲକ ଗିରିଧରପ୍ରସାଦ ଗ୍ରାମର ସୌଭାଗିନୀ ପଟ୍ଟନାୟକ (୪୦)ଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି। ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେବା ସହ ଏ ନେଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଓ ଜିଲାପାଳଙ୍କୁ ଜଣାଇ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବା, ପରିବାରର ଜଣଙ୍କୁ ବନ ବିଭାଗରେ ନିଯୁକ୍ତି ଦେବା ପାଇଁ ଫୋନ ଯୋଗେ ଆଲୋଚନା କରିଥିଲେ। ଏଥିସହିତ ହିନ୍ଦୋଳ ବନାଞ୍ଚଳରେ ଆଗକୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ନ ହେବା ଉପରେ ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରାଯିବା ଏବଂ ହାତୀ ଗମନାଗମନକୁ ଦୃଷ୍ଟିରେ ରଖି ଗ୍ରାମାଭିମୁଖୀ ନ ହେବାକୁ ଅଞ୍ଚଳରେ ତୁରନ୍ତ ସୋଲାର ତାର ଲଗାଇ ଧନ ଜୀବନ ସୁରକ୍ଷା ଦିଗରେ ଦୃଷ୍ଟି ଦେବାକୁ ଆଲୋଚନା କରିଥିଲେ। ଏମ୍‌ପିଙ୍କ ସହ ଜିଲା ଭାଜପା ସମ୍ପାଦକ ସୁଶାନ୍ତ ପତି, ବାବନ୍ଧ ମଣ୍ଡଳ ସଭାପତି ଅଶୋକ ରାଉତ, ହାତୁରା ମଣ୍ଡଳ ସଭାପତି ମନୋଜ ପଟ୍ଟନାୟକ, ସରପଞ୍ଚ ଦୁଷ୍ମନ୍ତ ନାଏକ, ପ୍ରଭାସ ବେହେରା, ଗିରିଶ ସେଠୀ, ସ୍ଥାନୀୟ ସରପଞ୍ଚ ସୁମିତ୍ରା ସେଠୀ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଚୋରା ଗଞ୍ଜେଇ କାରବାର ବଢୁଛି

ବଇଣ୍ଡା, ୯।୭ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଫାଣ୍ଡି ଅଞ୍ଚଳରେ ଗଞ୍ଜେଇ କାରବାର ବଢ଼ିବାରେ ଲାଗିଥିବା ଅଭିଯୋଗ ହେଉଛି। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଆବଶ୍ୟକ ଚଢ଼ାଉ କରାଯାଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବିଶେଷକରି ହଣ୍ଡପା ନିକଟସ୍ଥ ଅପହଞ୍ଚ ଅଞ୍ଚଳରେ ରଖାଯାଇଥିବା ଗଞ୍ଜେଇ ଏବେ ବ୍ୟବସାୟୀମାନେ ବଇଣ୍ଡା ଷ୍ଟେଶନ ଦେଇ ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ପ୍ରତ୍ୟେକ ଦିନ ଏହି ଚୋରା କାରବାର ଚାଲିଥିଲେ ମଧ ବଇଣ୍ଡା ଫାଣ୍ଡି ପୋଲିସ କୌଣସି ସୂଚନା ପାଇପାରୁ ନାହିଁ। ଗଞ୍ଜେଇ ବ୍ୟବସାୟୀମାନେ କେତେଜଣ ଅସାଧୁ କର୍ମଚାରୀଙ୍କୁ ହାତକରି ବିଳମ୍ବିତ ରାତି ଓ ଭୋର ସମୟରେ ଗଞ୍ଜେଇ ଚାଲାଣ କରୁଛନ୍ତି। ବାରମ୍ବାର ଏଭଳି ଚୋରା କାରବାର ହେଉଥିବା ବେଳେ ଚଢ଼ାଉ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଅବଢ଼ା ମୁଠିଏ ମୋତେ ମିଳୁ...




ଶ୍ରୀଗୁଣ୍ଡିଚା ଭଜନ ସମାରୋହର ତୃତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଅଂଶୁମାନ ଭରଦ୍ୱାଜ ଭଜନ ପରିବେଷଣ କରୁଛନ୍ତି।

## ଶ୍ରୀଗୁଣ୍ଡିଚା ଭଜନ ସମାରୋହର ତୃତୀୟ ସନ୍ଧ୍ୟା

ଢେଙ୍କାନାଳ, ୯।୭(ରତନ ନାୟାର)

ଢେଙ୍କାନାଳ ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟିର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ମଙ୍ଗଳବାର ବାଜିଚୌକ ଠାରେ ଭଜନ ସମାରୋହର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି, ଅଂଶୁମାନ ଭରଦ୍ୱାଜ ଓ ସସ୍ମିତା ମିଶ୍ର ଭଜନ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଅଂଶୁମାନଙ୍କ କଣ୍ଠରୁ ଅବଢ଼ା ମୁଠିଏ ମୋତେ ମିଳୁ ଓ ଶହେଟି ଗଙ୍ଗାର ମିଳନ ଯେଉଁଠି ଭଜନ ଶ୍ରୋତାଙ୍କ ମନ ମୋହିଥିଲା। ଉତ୍ସବରେ ବିଶିଷ୍ଟ ଯୁବ ସମାଜସେବୀ ଅବିନାଶ ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ଗୋପାଳଚନ୍ଦ୍ର ପାତ୍ର, ଜିଲା ଓକିଲ ସଂଘ ସମ୍ପାଦକ ଟଙ୍କଧର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟି ପକ୍ଷରୁ ସମ୍ପାଦକ ରୁଦ୍ରାନ୍ତ ଦଳେଇ ଓ ସାଗିର ମହମ୍ମଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଧାକୃଷ୍ଣ ମନ୍ଦିର ରତ୍ନମୁଦ ଉତ୍ସବ



ରତ୍ନମୁଦ ଉତ୍ସବ ଅବସରରେ ଅତିଥି ଓ କର୍ମକର୍ତ୍ତାମାନେ।

ଢେଙ୍କାନାଳ, ୯।୭(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବାଇଶିଆଁ ନିକଟସ୍ଥ କଙ୍କା ଗ୍ରାମରେ ନୂତନ ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ପ୍ରେମାନନ୍ଦ ମହା ମାନସିଂହ, ପ୍ରମିଳା ମହା ମାନସିଂହ, ପୁରୋଧା ବିଭୁତି ମିଶ୍ର ଓ ଅଜୟ ପାଣିଙ୍କ ସମେତ ବାଇଶିଆଁ, କରମୁଳ ଓ ଯୋରନ୍ଦା ପଞ୍ଚାୟତର ଅନେକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସୋମବାର ସକାଳୁ ପୂଜାମନ୍ତ୍ର ପାଠ, ସଂକୀର୍ତ୍ତନ ଭଜନ ପରେ ଅପରାହ୍ନରେ ମନ୍ଦିରର ମୁଖ୍ୟ କାରିଗର ଅରୁଣ ମହାରଣା ରତ୍ନମୁଦ କାର୍ଯ୍ୟ ସମାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ସାମାଜିକ କର୍ମୀ ମହାଦେବ ପାତ୍ର, ଭାଜପା ଯୁବମୋର୍ଚ୍ଚା ସଭାପତି ଏମ୍‌ଜେ ମହିମା ଯୋଗ ଦେଇଥିଲେ।

# ଓଡ଼ାପଡ଼ାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଓଡ଼ାପଡ଼ା, ୯।୭ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହରେ ଢେଙ୍କାନାଳ ଜିଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳଙ୍କ ସହିତ ଜିଲା ଆରକ୍ଷୀ ଅଧୀକ୍ଷକ ମଡକର ସନ୍ଦୀପ ସମ୍ପଦ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, ଉପଜିଲାପାଳ ସପନ କୁମାର ନନ୍ଦ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦିଲିପ କୁମାର ବିଶ୍ୱାଳ, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡଙ୍ଗୀଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୨୩୧ ଗୋଟି ଅଭିଯୋଗ ଆସିଥିଲା ବେଳେ ୪ଟି ମୁଖ୍ୟମନ୍ତ୍ରୀ ସହାୟତା, ୨ଟି ରେଡକ୍ରସ ସହାୟତା ପାଇଁ ଆବେଦନ କରାଯାଇଥିଲା। ୬ ଜଣଙ୍କୁ ୩୮ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଥିବା ଓଡ଼ାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।




ଶିବିରରେ ଅଭିଯୋଗର ଶୁଣାଣି କରାଯାଉଛି।

# କୁଞ୍ଜକାନ୍ତରେ ରଥଯାତ୍ରା



କୁଞ୍ଜକାନ୍ତ ମାଉସୀ ମା' ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି।

ଢେଙ୍କାନାଳ, ୯।୭(ରତନ ନାୟାର)

ଢେଙ୍କାନାଳ ସହର କୁଞ୍ଜକାନ୍ତଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ରବିବାର ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। କୁଞ୍ଜକାନ୍ତ ଅଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ ହୋଇଥିଲେ। ରାଜ ପରିବାରର ସଦସ୍ୟ ହର୍ଷବର୍ଦ୍ଧନ ସିଂହଦେଓ ଛେରା ପହଁରା କରିଥିଲେ। ଏହାପରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ରଥ କୁଞ୍ଜକାନ୍ତ ମନ୍ଦିରରୁ ବାହାରି ଚନ୍ଦ୍ରଶେଖର ପ୍ରେସ୍ ପରିସରରେ ଥିବା ମାଉସୀ ମା' ମନ୍ଦିରକୁ ଆସିଥିଲା। ପରେ ଆଡପ ମଣ୍ଡପରେ ବିଜେ କରିଥିଲେ ଚତୁର୍ଦ୍ଧାମୂର୍ତ୍ତି। ପୂଜକ କୃଷ୍ଣଚନ୍ଦ୍ର ପାଢୀ ଠାକୁରଙ୍କ ନୀତିକାନ୍ତି ଓ ପୂଜାର୍ଚ୍ଚନା କରିଥିଲେ। ଏହି ଉତ୍ସବକୁ ମନ୍ଦିର ସଭାପତି ଡା. ଜଗଦାନନ୍ଦ ତ୍ରିପାଠୀ ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ଆଇଜିଆଇଟିରେ ଅନ୍ତର୍ଜାତୀୟ ସମ୍ମିଳନୀ

ପରଜଙ୍ଗ, ୯।୭ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ସରାଙ୍ଗର ସିଭିଲ ବିଭାଗ ତରଫରୁ ଏସ୍‌ଏମ୍‌ଏସ୍‌ଆଇ ଏକ ଅନ୍ତର୍ଜାତୀୟ ସମ୍ମେଳନ ପ୍ରଫେସର ମୁଫତି ମହମୁଦ, ମୁଫତି ମହମୁଦ, ନଟିଂହାମ ଟ୍ରେଣ୍ଟ ୟୁନିଭରସିଟି ୟୁକ୍ତରାଜ୍ୟ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଅନେକ ବୈଜ୍ଞାନିକ, ପ୍ରାଧ୍ୟାପକ, ଉଦ୍ୟୋଗ ବିଶେଷଜ୍ଞ, ଅନୁସନ୍ଧାନ ବିଦ୍ୱାନ ଏବଂ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ସିଭିଲ, ଇଲେକ୍ଟ୍ରିକାଲ, ମେକାନିକାଲ, ମେଟାଲର୍ଜୀ, କେମିକାଲ, କମ୍ପ୍ୟୁଟର ସାଇନ୍ସ, ଇଲେକ୍ଟ୍ରୋନିକ୍ସ ଏବଂ ଟେଲି ଯୋଗାଯୋଗ, ମେସିନ ଲର୍ଣ୍ଣିଂ, ବିଗଡାଟା ଆଦି ବିଭିନ୍ନ କ୍ଷେତ୍ରକୁ ନେଇ ତତ୍ତ୍ୱଭିତ୍ତିକ ଆଲୋଚନାମାନ ହୋଇଥିଲା। ପ୍ରଫେସର ମୁଫତି ମହମୁଦ, ନଟିଂହାମ ଟ୍ରେଣ୍ଟ ୟୁନିଭରସିଟି ୟୁକ୍ତରାଜ୍ୟ, ପ୍ରଫେସର ପ୍ରଣବ କୁମାର ମହାପାତ୍ର ଆଇଆଇଟି ଗାନ୍ଧୀନଗର, ପ୍ରଫେସର ଟି ଜ୍ୟୋତି ସାରଭାନନ ଆଇଆଇଟି ଭୁବନେଶ୍ୱର, ପ୍ରଫେସର ବିଭୁଦତ୍ତ ସାହୁ ନିଟ ରାଉରକେଲା ଆଦି ପ୍ରସିଦ୍ଧ ଅନୁଷ୍ଠାନଗୁଡ଼ିକର ପ୍ରଫେସରମାନଙ୍କ ଦ୍ୱାରା ଆଲୋଚନାମାନ ଉପସ୍ଥାପିତ ହୋଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ସତ୍ୟବ୍ରତ ମହାନ୍ତ ପ୍ରଶାସନିକ ସହଯୋଗ ପ୍ରଦାନ କରିଥିବାବେଳେ ଆୟୋଜକ ଭାବେ ସିଭିଲ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଡ. ତୁଷାରକାନ୍ତ ନାଥ ସହଯୋଗ କରିଥିଲେ। ପ୍ରୋଗ୍ରାମ କମିଟି ଅଧ୍ୟକ୍ଷ ସରାଙ୍ଗର ପ୍ରଫେସର ଡ. ଶ୍ରୀନିବାସ ସେଠୀ ଏବଂ ସଂଯୋଜକ, ପ୍ରଫେସର ସୁଜିତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା ଓ ସଙ୍ଗଠିତ କରିଥିଲେ।

# ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦର ପ୍ରତିଷ୍ଠା ଦିବସ

ଢେଙ୍କାନାଳ, ୯।୭(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ଅଉଖମା ସ୍ଥିତ ହନୁମାନ ମନ୍ଦିର ପରିସରରେ ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦର ପ୍ରତିଷ୍ଠା ଦିବସ ଶିକ୍ଷାବିତ୍ ବିଶ୍ୱନାଥ ମହାପାତ୍ରଙ୍କ ସଭାପତିତ୍ୱରେ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ଆବାହିକା ଦେବସ୍ମିତା ସାହୁ ଓ ମୁଖ୍ୟ ସଂଯୋଜିକା ସ୍ୱର୍ଣ୍ଣପ୍ରଭା ସାହୁ ଅନୁଷ୍ଠାନର ପ୍ରତିଷ୍ଠା, ଲକ୍ଷ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ମଧୁସୂଦନ ଶତପଥୀ ଓ ମୁଖ୍ୟବକ୍ତା ଭାବେ କବି ବାହାଦୁର ପାଟସାହାଣୀ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ କ୍ଷୀରୋଦ ନାୟକ, କବି କାଳୀଚରଣ ତ୍ରିପାଠୀ, ପ୍ରଶାନ୍ତ ଧଳ ଓ ଗଙ୍ଗାଧର ଦାସ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ କିପରି ଲୋକମାନଙ୍କୁ ଏକାଠି କରି ସମାଜର ଉନ୍ନତି ଓ ବ୍ୟକ୍ତିର ବିକାଶ ପାଇଁ କାର୍ଯ୍ୟକରେ ସେ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ଚାରାରୋପଣ କରାଯାଇଥିଲା। ନଦିଆ ବିହାରୀ ସାହୁ, କଲ୍ୟାଣୀ ସାହୁ, ନବକିଶୋର ମଳିକ, ପବିତ୍ର ବେହେରା, ଶତ୍ରୁଘ୍ନ ସାହୁ, ରାଜଲକ୍ଷ୍ମୀ ସାହୁ, ରଶ୍ମିତା ମହାପାତ୍ର, ସାଇପ୍ରଜ୍ଞା ସାହୁ, ନୃପବର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମନୋଜ ସାହୁ ପରିଚାଳନା କରିଥିଲେ ଓ ଅନୁଷ୍ଠାନର ସମ୍ପାଦକ ଫକିର ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାରା ରୋପଣ କରି ସଚେତନତା

ଢେଙ୍କାନାଳ, ୯।୭(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସନ୍ତପୁର ଗ୍ରାମଠାରେ ନ୍ୟୁ ଇଣ୍ଡିଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସମ୍ପାଦକ ଶେଷଦେବ ରାଉତଙ୍କ ନେତୃତ୍ୱରେ ରବିବାର ଶ୍ରୀଗୁଣ୍ଡିଚା ଅବସରରେ ଚାରା ରୋପଣ କରାଯାଇଥିଲା। ଗଛଟିଏ, ମଣିଷ ଟିଏ ବୋଲି ସଚେତନ ବାର୍ତ୍ତା ପ୍ରଦାନ କରାଯାଇ ଗଛଟିଏ ଲଗାନ୍ତୁ ବୋଲି ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବାବାଜୀ ସ୍ୱାଇଁ, କୈଳାସ ଚନ୍ଦ୍ର ରାଉତ, ସଞ୍ଜୟ କୁମାର ଦାସ, ବିଚିତ୍ରାନନ୍ଦ ରାଉତ, ହୃଷୀକେଶ ରାଉତ, ଚିତ୍ତରଞ୍ଜନ ନାୟକ ପ୍ରମୁଖ ଚାରା ରୋପଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବ୍ଲକର ବିଭିନ୍ନ ଅଞ୍ଚଳରେ ୫୦୦ରୁ ଅଧିକ ବର ଓ ଅଶ୍ୱତ୍ଥ ଗଛ ଲଗାଇ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜଣାଯାଇଛି।



ଚାରା ରୋପଣ କରି ସଚେତନତା କରାଯାଇଛି।

# ବିଦାୟ ସମ୍ବର୍ଦ୍ଧନା, ପେନ୍‌ସନ୍ କାଗଜପତ୍ର ପ୍ରଦାନ



ଅବସର ନେଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଫାଇନାଲ ପେନ୍‌ସନ୍ କାଗଜପତ୍ର ପ୍ରଦାନ କରାଯାଉଛି।

ଢେଙ୍କାନାଳ, ୯।୭(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ନଡଣପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଦ୍ୱୈତ ଚରଣ ବରାଳ, ଅସନବାହାଳୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅସିତ କୁମାର ମିଶ୍ର, ମହୁଲବେରେଣୀ କୋଇଲିପଙ୍ଗି ଉପ୍ରା ବିଦ୍ୟାଳୟର ଶିକ୍ଷକ ମନୋଜ କୁମାର ଦାସ, ଏଲ୍‌ଏମ୍ ହାଇସ୍କୁଲର ଶିକ୍ଷୟିତ୍ରୀ ପ୍ରଣତି ମିଶ୍ର, ଛଡାସିଂହ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଞ୍ଜୁବାଳା ହୋତା, ବନମାଳିପ୍ରସାଦ ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ସ୍ୱାଇଁ, ପାମାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ସାହୁ, କୁରୁଣିଆ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଆରତି ରାଉତ, ପାଞ୍ଚକାହାଣିଆ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବୈଜୟନ୍ତୀ କରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସଦର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଓ ଫାଇନାଲ୍ ପେନସନ୍ କାଗଜ ପ୍ରଦାନ କରାଯାଇଥିଲା। ଏବିଇଓ ଭଗବାନ ବେହେରା, ଦେବବ୍ରତ ନାଥ, ଶତ୍ରୁଘ୍ନ ଖଣ୍ଡା, ସେକ୍ସନ ଅଫିସର ବବିତା ଦାସ, ସିନିୟର ଆସିଷ୍ଟାଣ୍ଟ ଅକ୍ଷୟ ହୋତା, ଶିକ୍ଷକ ପ୍ରଶାନ୍ତ ପଣ୍ଡା, ଶତ୍ରୁଘ୍ନ ମଲ୍ଲିକ, ବୈରାଗୀ ସେଠୀ, ସନ୍ତୋଷ ପଟ୍ଟନାୟକ ଓ ବିଷ୍ଣୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

କାମାକ୍ଷାନଗର, ୯।୭ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ୨ ନମ୍ବର ୱାର୍ଡ ମଢିସାହିର ଦର୍ପଣୀ ସାହୁ(୫୪)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡିତ ଥିଲେ। ଏକାଧାରରେ ଦର୍ପଣୀ ଜଣେ ଧର୍ମପରାୟଣା, ପରୋପକାରୀ, ବନ୍ଧୁବତ୍ସଳ ମହିଳା ଭାବେ ଅଞ୍ଚଳରେ ସୁପରିଚିତା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ କାମାକ୍ଷାନଗର ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଦୁଇ ଝିଅ, ଜ୍ୱାଇଁ ଓ ଏକମାତ୍ର ପୁଅ ଉପସ୍ଥିତ ଥିବାବେଳେ ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଛି।

# କାଶିଆଡ଼ିହ ଗ୍ରାମରେ ଚାରାରୋପଣ

ଢେଙ୍କାନାଳ, ୯।୭(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାଶିଆଡିହ ଗ୍ରାମ ନିକଟରେ ୭୫ତମ ବନ ମହୋତ୍ସବ ଉପଲକ୍ଷେ ସୋମବାର ସ୍ୱେଚ୍ଛାସେବୀ ଅନୁଷ୍ଠାନନ ସିଆଇଏସ୍‌ଏସ୍ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଣ୍ଡବିନ୍ଧା ଅଙ୍ଗନୱାଡି କେନ୍ଦ୍ର-୪ର କିଶୋରୀ କିଶୋରମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଯୋଗଦେଇ ପ୍ରଥମେ ଚାରା ରୋପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପୁରୁଷୋତ୍ତମ ରାଉତ, ଅଙ୍ଗନୱାଡି କର୍ମୀ ଜ୍ୟୋତିର୍ମୟୀ ମହାପାତ୍ର, ସୁଭଦ୍ରା ରାଉତ ଓ ପୁଷ୍ପାଞ୍ଜଳି ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପରିବେଶବିତ୍ ବିଜୟ କୁମାର ଦାସଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ବହୁ ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଶୀଲ କୁମାର ପ୍ରଧାନ, ସମୀର କୁମାର ପ୍ରଧାନ, ମଧୁସୂଦନ ରାଉତ, ଯଶୋବନ୍ତ ମିଶ୍ର ଓ ମଦନ ମୋହନ ପ୍ରଧାନ ପ୍ରମୁଖ ପରିବେଶ ପ୍ରେମୀ ଯୋଗ ଦେଇଥିଲେ। ବନପାଳ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



ଡିଏଫ୍‌ଓ ସୁମିତ କର ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

